**ମଟୁକଧାରୀ ସିଂହ ଏବଂ ଅନ୍ୟମାନେ**

**ବନାମ**

**ଜନାର୍ଦ୍ଦନ ପ୍ରସାଦ**

*ଜୁଲାଇ 20,1965*

[ଏ. କେ. ସରକାର, ଏମ୍. ହିଦାୟତୁଲ୍ଲା ଏବଂ ଭି. ରାମାସ୍ୱାମୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, ଧାରା 417, 423- ଦଣ୍ଡାଧିକାରୀ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ଯାହା ସମ୍ବନ୍ଧରେ ତାଙ୍କର କ୍ଷେତ୍ରାଧିକାର ଥିଲା - ଅଭିଯୋଗର ପ୍ରମାଣକୁ ଅଣଦେଖା କରିବା ଯାହା ସମ୍ବନ୍ଧରେ ତାଙ୍କର କ୍ଷେତ୍ରାଧିକାର ନଥିଲା- ଉଚ୍ଚ ନ୍ୟାୟାଳୟ ଦୋଷ ମୁକ୍ତି କରିବା ଏବଂ ପୁନର୍ବିଚାର ଆଦେଶ ଦେବା- ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ବୈଧତା ।*

ଉତ୍ତରଦାତାଙ୍କ ଅଭିଯୋଗ ଉପରେ ଆବେଦନକାରୀମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 420, 468, 406 ଏବଂ 465/471 ଅନୁଯାୟୀ ସମ୍ମାନନୀୟ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ବିଚାର କରାଗଲା ଏବଂ ତା'ପରେ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରାଗଲା । ଭାରତୀୟ ଦଣ୍ଡ ସଂହିତାର ଧାରା 467 ଅନୁଯାୟୀ ଅଭିଯୋଗ ପ୍ରସ୍ତୁତ ପାଇଁ ଏବଂ ଅଭିଯୁକ୍ତଙ୍କୁ ଫୌଜଦାରୀ ଅଦାଲତକୁ ପଠାଇବା ପାଇଁ ଦଣ୍ଡାଧିକାରୀ, ଅଭିଯୋଗକାରୀଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ । ତା'ପରେ ଦୋଷ ମୁକ୍ତି ହେବା ବିରୋଧରେ ଅଭିଯୋଗକାରୀ ଉଚ୍ଚ ନ୍ୟାୟାଳୟ ରେ ଆବେଦନ କଲେ । ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ପ୍ରଥମ ଦୃଷ୍ଟିଗତ ପ୍ରମାଣ ଧାରା 467 ଅନୁଯାୟୀ ଏକ ଅପରାଧକୁ ଦର୍ଶାଉଛି ଏବଂ ଅଭିଯୋଗ ସେହି ଧାରାକୁ ଉଲ୍ଲେଖ ନକଲେ ମଧ୍ୟ ମାମଲାକୁ ଫୌଜଦାରୀ ଅଦାଲତକୁ ପଠାଇବା ଦଣ୍ଡାଧିକାରୀଙ୍କ କର୍ତ୍ତବ୍ୟ ଥିଲା । ତେଣୁ ଏହା ଦୋଷ ମୁକ୍ତିକୁ ରଦ୍ଦ କଲେ ଏବଂ ଏକ ପୁନର୍ବିଚାର ପାଇଁ ଆଦେଶ ଦେଲେ । ଆବେଦନକାରୀମାନେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ପହଞ୍ଚିଲେ ।

ଆବେଦନକାରୀମାନଙ୍କ ପକ୍ଷରୁ ଏହା ଯୁକ୍ତି କରାଯାଇଆଥିଲା ଯେ, ଯେ ପର୍ଯ୍ୟନ୍ତ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଚାଲିଥିଲା , ସେ ପର୍ଯ୍ୟନ୍ତ ତାହା କ୍ଷେତ୍ରାଧିକାର ମଧ୍ୟରେ ଥିଲା ଏବଂ ତାହା କେବଳ ଏହି କାରଣରୁ ରଦ୍ଦ କରାଯାଇ ପାରିଲା ନାହିଁ ଯେ ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ଧାରା

467 ଅନୁଯାୟୀ ଏକ ଅଭିଯୋଗ ଅଣାଯାଇ ପାରିଥାନ୍ତା ଏବଂ ଏପରି ଏକ କାର୍ଯ୍ୟାନୁଷ୍ଠାନ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ଧାରା 423 (1) ଅନୁଯାୟୀ ବିବେଚିତ ହୁଏ ନାହିଁ ।

ନିର୍ଣ୍ଣୟ ନିଆଗଲା : (i) ଯଦି ଦଣ୍ଡାଧିକାରୀ ପ୍ରାସଙ୍ଗିକ ପ୍ରମାଣ ଉପରେ ନିଜର ବୁଦ୍ଧି ପ୍ରୟୋଗ କରିଥାନ୍ତେ, ତେବେ ସେ ଜାଣିଥାନ୍ତେ ଯେ ମୁଖ୍ୟ ଅପରାଧଟି ଧାରା 467 ସାହ 471 ର ପଠନ ଅନୁଯାୟୀ ଥିଲା ଏବଂ ଅନ୍ୟ ଅପରାଧଗୁଡ଼ିକ ଆନୁଷଙ୍ଗିକ ଥିଲା । ତେଣୁ ତାଙ୍କର ବିଚାର କ୍ଷେତ୍ରାଧିକାର ଥିବା ଅପରାଧକୁ ଚୟନ କରିବା ଏବଂ ଅନ୍ୟ ଅପରାଧକୁ ଅଣଦେଖା କରିବା ତାଙ୍କ ପକ୍ଷରେ ଉଚିତ ନଥିଲା । ତାଙ୍କ କର୍ତ୍ତବ୍ୟ ସ୍ପଷ୍ଟ ଭାବରେ ଧାରା 467 ଅନୁଯାୟୀ ଅଭିଯୋଗ ପ୍ରସ୍ତୁତ ଏବଂ ଆବେଦନକାରୀମାନଙ୍କୁ ଫୌଜଦାରୀ ଅଦାଲତରେ ବିଚାର ପାଇଁ ପଠାଇବାର ଥିଲା ।

(ii) ଏହା ଯୁକ୍ତି କରିବା ଭୁଲ ଯେ ଏହି ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କର କୌଣସି କ୍ଷେତ୍ରାଧିକାର ନଥିଲା କାରଣ ସମ୍ମାନନୀୟ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ବିଚାର (ଯେତେଦୂର ପର୍ଯ୍ୟନ୍ତ ଏହା ଚାଲିଥିଲା) କ୍ଷେତ୍ରାଧିକାର ମଧ୍ୟରେ ଥିଲା । ଯଦି ଏପରି ହୋଇଥାଆନ୍ତା, ତେବେ ଯେତେବେଳେ ଜଣେ ଦଣ୍ଡାଧିକାରୀ ତାଙ୍କ କ୍ଷେତ୍ରାଧିକାର ବାହାରେ ଥିବା ଗୁରୁତର ଅଭିଯୋଗଗୁଡିକୁ ବିଚାର ନକରି ଏବଂ କେବଳ ତାଙ୍କ କ୍ଷେତ୍ରାଧିକାର ମଧ୍ୟରେ ଥିବା ଅଭିଯୋଗ ଗୁଡିକୁ ବିଚାର କରିଥାନ୍ତେ, ସେତେବେଳେ କୌଣସି ପ୍ରତିକାର ସମ୍ଭବ ହୋଇନଥାଆନ୍ତା ।

*ଡଃ ସନମୁଖ ସିଂହ ତେଜା ସିଂହ ଯୋଗୀ ବନାମ ସମ୍ରାଟ,* A. I . R. 1945 Sind 125 . ମାମଲାକୁ ଅନୁମୋଦନ କରାଗଲା ।

ଉଚ୍ଚ ନ୍ୟାୟାଳୟ ଦୋଷ ମୁକ୍ତି ଆଦେଶକୁ ରଦ୍ଦ କରିବା ଏବଂ ପୁନର୍ବିଚାର ଆଦେଶ ଦେବା ପାଇଁ ଯେତେ ଦ୍ୱିଧା ରେ ରହିଲେ ମଧ୍ଯ , ସଂହିତା ଅନୁଯାୟୀ ଯଦି ମାମଲାର ଯଥାର୍ଥତା ଏପରି କରିବା ନିମିତ୍ତ ଆବଶ୍ୟକ କରେ , ତେବେ ଏହାର ଏପରି କରିବା ପାଇଁ କ୍ଷେତ୍ରାଧିକାର ଅଛି ଏବଂ ପ୍ରଥମ ଦୃଷ୍ଟିଗତ ପ୍ରମାଣରେ ନଜରକୁ ଆସିଥିବା ଗୁରୁତ୍ୱ ଆରୋପ ଅଭିଯୋଗରୁ ଏକ ମାମଲାକୁ ବାଦ୍ ଦେବା ହେଉଛି ସେହି ପରିସ୍ଥିତି ମଧ୍ଯରୁ ଗୋଟିଏ ଯେଉଁଥିରେ କ୍ଷମତାକୁ ଉଚିତ୍ ରୂପେ ପ୍ରୟୋଗ କରାଯାଇପାରିଥାନ୍ତା ଯେତେବେଳେ କି ଏହା ଆଣିଥିବା ଆରୋପର ଅଭିଯୋଗ, ବିଚାର ଅଦାଲତତା କ୍ଷେତ୍ରାଧିକାର ବାହାରେ ହୋଇଥାନ୍ତା ।

*ଅବିନାଶ ଚନ୍ଦ୍ର ବୋଷ ବନାମ ବିମଲ କୃଷ୍ଣ ସେନ,* A.I.R. 1963 S.C. 316, *ଉଖା କୋଲ୍ହେ ବନାମ ମହାରାଷ୍ଟ୍ର ରାଜ୍ୟ* A.I.R. 1963 S.C. 1531, *ବ୍ରହ୍ମଦେଓ ରାୟ ଏବଂ ଅନ୍ୟମାନେ ବନାମ ରାଜା- ସମ୍ରାଟ,* A.I.R. 1926 Pat. 36, *ବାଲଗୋବିନ୍ଦ ଠାକୁର ଏବଂ ଅନ୍ୟମାନେ ବନାମ ରାଜା- ସମ୍ରାଟ,* A.I.R. 1926 Pat. 393, *କେ. ଇ ବନାମ ରାଜ୍ୟା ଭାଗୱାନ୍ତ,* 4 Bom. L.R. 267 *ମାମଲାଗୁଡିକୁ ସୂଚିତ କରାଗଲା ।*

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 26/1965 ।

ଫୌଜଦାରୀ ଆବେଦନ ସଂଖ୍ୟା 66/1962 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର ତାରିଖ ଅଗଷ୍ଟ 10,1964 ର ରାୟ ଏବଂ ଆଦେଶ ରୁ ସ୍ୱତନ୍ତ୍ର ଆବେଦନ ଦ୍ୱାରା ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ *ଆର୍. କେ. ଗର୍ଗ, ଏସ୍. ସି. ଅଗ୍ରୱାଲ* ଏବଂ *ଡି. ପି. ସିଂହ* ।

*ଉତ୍ତରଦାତାଙ୍କ ତରଫରୁ ଡି. ଗୋବର୍ଦନ ।*

**ନ୍ୟାୟମୂର୍ତ୍ତି ହିଦୟାତୁଲ୍ଲାଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

ମେ 7,1965 ରେ ଘୋଷିତ ଏକ ଆଦେଶ ଦ୍ୱାରା, ଆମେ ଏହି ଆବେଦନକୁ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଥିଲୁ କିନ୍ତୁ ଆମର କାରଣ ସଂରକ୍ଷିତ ରଖିଥିଲୁ ଯାହା ଆମେ ବର୍ତ୍ତମାନ ଦର୍ଶାଇବାକୁ ଆଗକୁ ବଢୁଛୁ ।

ଏହି ପାଞ୍ଚ ଜଣ ଆବେଦନକାରୀମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 420, 468, 406, 465/471 ଅନୁଯାୟୀ ଅପରାଧ ଉପରେ ଉତ୍ତରଦାତାମାନଙ୍କ ଦ୍ୱାରା ଅଭିଯୋଗ ସକାଶେ ଜେହାନାବାଦର ସମ୍ମାନନୀୟ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ବିଚାର କରାଗଲା । ଅଗଷ୍ଟ 31,1962 ରେ ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ଅଭିଯୋଗକାରୀ, ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 417 ( 3) ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କର ସ୍ୱତନ୍ତ୍ର ଅନୁମତି ପାଇଲେ ଏବଂ ସେମାନଙ୍କର ଦୋଷ ମୁକ୍ତି ବିରୋଧରେ ଏକ ଆବେଦନ ଦାଖଲ କଲେ । ଉଚ୍ଚ ନ୍ୟାୟାଳୟ ଦୋଷ ମୁକ୍ତି କୁ ରଦ୍ଦ କରିଦେଲେ ଏବଂ ଏହି ମାମଲାକୁ ଗୟା ଜିଲ୍ଲା

ଦଣ୍ଡାଧିକାରୀଙ୍କ ନିକଟକୁ ଏହି ନିର୍ଦ୍ଦେଶ ସହ ପଠାଇଦେଲେ ଯେ ସଂହିତାର ଅଧ୍ୟାୟ XVIII ଅଧୀନରେ ଧାରା 208 ଅନୁଯାୟୀ ପ୍ରମାଣ ଗ୍ରହଣ କରିବା ସ୍ତରରୁ, ଫୌଜଦାରୀ ଅଦାଲତକୁ ମାମଲାକୁ ପଠାଇବା ପର୍ଯ୍ୟନ୍ତ ଏହାକୁ ତଦନ୍ତ କରାଯିବ । ଆବେଦନକାରୀମାନେ ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ କରିଛନ୍ତି । ଅଭିଯୋଗ ମାମଲାର ତଥ୍ୟ ବର୍ତ୍ତମାନ ସଂକ୍ଷେପରେ କୁହାଯାଇପାରେ ।

ଜନାର୍ଦ୍ଦନ ପ୍ରସାଦ ଏବଂ ତାଙ୍କ ଭାଇ ଜଙ୍ଗଲ ପ୍ରସାଦ ଅଲଗା ଥିଲେ, ବର୍ତ୍ତମାନର ଘଟଣା ପୂର୍ବରୁ, ସେମାନଙ୍କ ଜମିର ସୀମା ସରହଦ ମାପଚୁପ କରି ବିଭାଜନ କରିଥିଲେ । କଲ୍ୱା କଲାନ ଗ୍ରାମରେ, ଜାଗା ସଂଖ୍ୟା 1810 ଏବଂ 1811 ଜଙ୍ଗଲଙ୍କ ଭାଗରେ ପଡିଲା ଏବଂ ସେହି ଗାଁର ଜାଗା ସଂଖ୍ୟା 1699 ଜନାର୍ଦ୍ଦନଙ୍କ ଭାଗରେ ପଡିଲା । ଜଙ୍ଗଲ ପ୍ରସାଦଙ୍କ ଜାଗା ମଟୁକଧାରୀ ଏବଂ ତାଙ୍କ ଭାଇ ରାମେଶ୍ୱର ସିଂହ ଏବଂ ଧନୁକଧାରୀ ସିଂହ (ପ୍ରଥମ ତିନି ଆବେଦନକାରୀ) ଙ୍କ ଡାଲାଣ ନିକଟରେ ରହିଛି ଏବଂ ସେମାନେ ସେଗୁଡିକ ଉପରେ ଲୋଲୁପ ଦୃଷ୍ଟି ପକାଇଲେ । ଜନାର୍ଦ୍ଦନ ଅଭିଯୋଗ କଲେ ଯେ ସେମାନେ ସେହି ଦୁଇଟି ଜାଗାର ଅଧା ଅଞ୍ଚଳ ସମ୍ବନ୍ଧରେ ଏକ ବିକ୍ରି ଦଲିଲକୁ ଜାଲ କଲେ ଏବଂ ପଞ୍ଜୀକରଣ ପାଇଁ ଦସ୍ତାବିଜ୍ ଉପସ୍ଥାପନ କଲେ । ଜନାର୍ଦ୍ଦନ ଏଠାରେ ବ୍ୟଥିତ ହେଲେ , କିନ୍ତୁ ଦେଓକି ଲାଲ ଏବଂ ଛେଦି ଲାଲ (ଆବେଦନକାରୀ 4 ଏବଂ 5) ଙ୍କ ମଧ୍ୟସ୍ଥତା ଦ୍ୱାରା ବିବାଦରେ ଆପୋଷ ବୁଝାମଣା ହୋଇଥିଲା ଏବଂ ଏହା ସହମତି ପ୍ରକାଶ ପାଇଥିଲା ଯେ ଜନାର୍ଦ୍ଦନ ଜାଗା ସଂଖ୍ୟା 1699 ଏବଂ ଅନ୍ୟ ଜାଗା ସଂଖ୍ୟା 1491 ର ଅଧା ଅଂଶ ପାଇଁ ଏକ ବିକ୍ରି ଦଲିଲ କାର୍ଯ୍ୟକାରୀ କରିବେ, ଯେତେବେଳେ କି ମଟୁକଧାରୀ ଏବଂ ତାଙ୍କ ଭାଇ ଧନୁକଧାରୀ ସିଂହ ସେମାନଙ୍କ ଜାଗା ଗୁଡିକରୁ (ସଂଖ୍ୟା 1797) ଗୋଟିଏରେ 0.10 ଏକର ବିକ୍ରି କରିବାକୁ ରାଜି ହେଲେ । ଅଭିଯୋଗକାରୀ ଉକ୍ତ ଦୁଇଟି ଜାଗା ସମ୍ବନ୍ଧରେ ଦୁଇଟି ବିକ୍ରି ଦଲିଲ ନିଷ୍ପାଦନ କଲେ ଏବଂ ଧନୁକଧାରୀ ସିଂହ ତାଙ୍କ ନାମରେ ଥିବା ଜାଗା ସଂଖ୍ୟା 1797 ସମ୍ବନ୍ଧରେ ଏକ ବିକ୍ରି ଦଲିଲ ନିଷ୍ପାଦନ କଲେ । ପରବର୍ତ୍ତୀ ବିକ୍ରି ଦଲିଲଟି ଜନାର୍ଦ୍ଦନଙ୍କ ପୁଅଙ୍କ ସପକ୍ଷରେ ନିଷ୍ପାଦନ କରାଗଲା ।ଛେଦି ଲାଲଙ୍କ ସହାୟତାରେ ଦେଓକିଲାଲଙ୍କ ଦ୍ୱାରା ସମସ୍ତ ଦସ୍ତାବିଜ୍ ଲେଖାଯାଇଥିଲା ଏବଂ ପଞ୍ଜୀକରଣ ପାଇଁ ଉପସ୍ଥାପନ କରାଯାଇଥିଲା । ପଞ୍ଜିକରଣ କାର୍ଯ୍ୟାଳୟରୁ ପ୍ରାପ୍ତ ରସିଦଗୁଡ଼ିକ ଦେଓକିଲାଲଙ୍କ ପାଖରେ ପ୍ରଥମ ପଞ୍ଜିକରଣ ମାମଲାର ଫଳାଫଳ (ଯାହା ଫେବୃଆରୀ 8,1960 ପାଇଁ ସ୍ଥିର ହୋଇଥିଲା) ଜାଣିବା ପର୍ଯ୍ୟନ୍ତ ଛାଡ଼ି ଦିଆଯାଇଥିଲା । ଯେତେବେଳେ ଜନାର୍ଦ୍ଦନ ରସିଦ ମାଗିଥିଲେ, ତାଙ୍କୁ ପ୍ରତୀକ୍ଷା କରିବା ପାଇଁ ଛାଡ଼ି ଦିଆଗଲା । ପରେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଦସ୍ତଖତ

ଜାଲ କରି ଦୁଇଟି ଦସ୍ତାବିଜ ପ୍ରତ୍ୟାହାର ହୋଇସାରିଛି । ମଟୁକଧାରୀ, ଜନାର୍ଦନ ଏବଂ ଧନୁକଧାରୀଙ୍କ ଦ୍ୱାରା ନିଷ୍ପାଦିତ ଦଲିଲକୁ ପ୍ରତ୍ୟାହାର କରିନେଲେ, ଯେଉଁ ବିକ୍ରି ଦଲିଲକୁ ସେ ନିଜେ ନିଷ୍ପାଦନ କରିଥିଲେ । ଅଭିଯୋଗକାରୀଙ୍କୁ ଦେଓକିଲାଲ ଏବଂ ଛେଦିଲାଲ ଆଶ୍ୱାସନା ଦେଇଥିଲେ ଯେ ତାଙ୍କ ପୁଅ ସପକ୍ଷରେ ନିଷ୍ପାଦିତ ହୋଇଥିବା ଦଲିଲ ରାମେଶ୍ୱର ସିଂହ ଙ୍କ ଦ୍ୱାରା ଫେରାଇ ଦିଆଯିବ, ଯାହାଙ୍କ ପାଖରେ ଏହା ଥିଲା ବୋଲି କୁହାଯାଉଥିଲା, କିନ୍ତୁ ରାମେଶ୍ୱର ସିଂହ ଏପରି କରିବାକୁ ମନା କରିଦେଇଥିଲେ । ତେଣୁ ଉକ୍ତ ଅଭିଯୋଗ ଦାୟର କରାଗଲା ।

ଜେହାନାବାଦର ଉପ-ଖଣ୍ଡ ଅଧିକାରୀ ଭାରତୀୟ ଦଣ୍ଡ ସଂହିତାର ଧାରା 468, 406 ଏବଂ 420 ଅନୁଯାୟୀ ମାମଲାକୁ ସଂଜ୍ଞାନକୁ ନେଲେ ଏବଂ ଏହାର ଫଇସଲା ପାଇଁ ସମ୍ମାନନୀୟ ଦଣ୍ଡାଧିକାରୀଙ୍କ ନିକଟକୁ ପଠାଇଲେ । ସମ୍ମାନନୀୟ ଦଣ୍ଡାଧିକାରୀ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 420 ଅନୁଯାୟୀ ଅଭିଯୋଗ ପ୍ରସ୍ତୁତ କଲେ । ଏହାବ୍ୟତୀତ, ଛେଦିଲାଲ ଏବଂ ଦେଓକିଲାଲଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ଯଥାକ୍ରମେ 468 ଏବଂ 406 ଅନୁଯାୟୀ ଦୋଷାରୋପ କରାଗଲା । ମଟୁକଧାରୀଙ୍କୁ ଧାରା 465/471 ଅନୁଯାୟୀ ଦୋଷାରୋପ କରାଗଲା । ଏହି ଅଭିଯୋଗ ଗୁଡିକୁ ସମ୍ମାନନୀୟ ଦଣ୍ଡାଧିକାରୀଙ୍କ ଦ୍ୱାରା ବିଚାର କରାଯାଇପାରିବ । ଧାରା 467 ଅନୁଯାୟୀ ଆବେଦନକାରୀମାନଙ୍କ ବିରୋଧରେ କୌଣସି ଅଭିଯୋଗ ଅଣାଗଲା ନାହିଁ । ମାର୍ଚ୍ଚ 29,1962 ରେ ଅଭିଯୋଗକାରୀ ଏକ ଲିଖିତ ଆବେଦନ ଦ୍ୱାରା ସଂହିତାର ଅଧ୍ୟାୟ XVIII ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ କିନ୍ତୁ ଦଣ୍ଡାଧିକାରୀ ଅଭିଯୁକ୍ତଙ୍କୁ ସୁପର୍ଦ୍ଦ କରିବାକୁ ମନା କରିଦେଇଥିଲେ । ସମାନ ଉଦ୍ଦେଶ୍ୟରେ ଜୁନ୍ 28,1962 ରେ ଅନ୍ୟ ଏକ ଆବେଦନକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଦିଆଗଲା । ବିଦ୍ୱାନ ଦଣ୍ଡାଧିକାରୀ ଧରି ନେଲେ ଯେ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ରସିଦ ହସ୍ତାନ୍ତର ପ୍ରମାଣ ସନ୍ତୋଷଜନକ ନୁହେଁ ଏବଂ ଦେଓକିଲାଲଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା 406 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ମୁଖ୍ୟତଃ ଏହି ଆଧାରରେ ସେ ଆହୁରି ମଧ୍ୟ କହିଥିଲେ, ଯେ କୌଣସି ହସ୍ତାକ୍ଷର ବିଶେଷଜ୍ଞଙ୍କୁ ଯାଞ୍ଚ କରାଯାଇ ନଥିଲା, ତେଣୁ ଏଠାରେ ଏହା କହିବା ସମ୍ଭବ ନୁହେଁ ଯେ ଦସ୍ତଖତ ଗୁଡ଼ିକର ଜାଲିଆତି ହୋଇଥିଲା କିମ୍ବା ମଟୁକଧାରୀ ରସିଦଗୁଡ଼ିକୁ ଜାଲ୍ ବୋଲି ଜାଣି ସେଗୁଡ଼ିକୁ ବ୍ୟବହାର କରିଥିଲେ । ଏହି ତଥ୍ୟ ଆଧାରରେ ଆବେଦନକାରୀମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦିଆଗଲା ।

ଉଚ୍ଚ ନ୍ୟାୟାଳୟ ରେ ତାଙ୍କ ଆବେଦନରେ ଅଭିଯୋଗକାରୀ ଯୁକ୍ତି ବାଢିଲେ ଯେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ବିଚାର କ୍ଷେତ୍ରାଧିକାର ବାହାରେ ଥିଲା କାରଣ ଦଣ୍ଡାଧିକାରୀ ଅଧ୍ୟାୟ XVIII ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍ ଥିଲା ଯାହାର ଉଦ୍ଦେଶ୍ୟ ଥିଲା ଯେ ଅଭିଯୁକ୍ତଙ୍କୁ ବିଚାର ପାଇଁ ଫୌଜଦାରୀ ଅଦାଲତକୁ ପଠାଇବା କାରଣ ଉକ୍ତ ତଥ୍ୟଗୁଡିକ ଧାରା 467 ଅନୁଯାୟୀ ଏକ ଅପରାଧକୁ ଦର୍ଶାଏ ଯାହା କେବଳ ଫୌଜଦାରୀ ଅଦାଲତଙ୍କ ଦ୍ୱାରା ବିଚାର ଯୋଗ୍ୟ । ସେ ଯୁକ୍ତି କଲେ ଯେ ଉକ୍ତ ଅପରାଧକୁ ତାଙ୍କ ପ୍ରମାଣ ଉପରେ ସ୍ପଷ୍ଟ ହୋଇଛି ଏବଂ ଯେହେତୁ ପଞ୍ଜୀକରଣ ରସିଦ୍ ଗୁଡିକ ଭାରତୀୟ ଦଣ୍ଡ ସଂହିତାର ଧାରା 30 ଅନୁଯାୟୀ ମୁଲ୍ୟବାନ ଅମାନତ ତେବେ ଭାରତୀୟ ଦଣ୍ଡ ସଂହିତାର ଧାରା 467 ଅନୁଯାୟୀ ଏକ ଅଭିଯୋଗ ପ୍ରସ୍ତୁତ କରାଯିବା ଉଚିତ୍ ହୋଇଥାନ୍ତା । ଉଚ୍ଚ ନ୍ୟାୟାଳୟ ଦର୍ଶାଇଲେ ଯେ ଏକ ସଠିକ୍ ଆଇନ କୁ ପ୍ରୟୋଗ କରିବା ହେଉଛି ଦଣ୍ଡାଧିକାରୀଙ୍କ କର୍ତ୍ତବ୍ୟ ଏବଂ ଯଦି ଫୌଜଦାରୀ ଅଦାଲତଙ୍କ ଦ୍ୱାରା ବିଚାର ଯୋଗ୍ୟ ଅପରାଧକୁ ଦର୍ଶାନ୍ତି ତେବେ ସେ (ଦଣ୍ଡାଧିକାରୀ) ତଦନୁଯାୟୀ ଅପରାଧକୁ ଆଣିବା ଉଚିତ୍ ହୋଇଥାନ୍ତା ଏବଂ ମାମଲାକୁ ବାଦ୍ ଦେଇ ତାହା ଉପରେ କ୍ଷେତ୍ରାଧିକାର ସାବ୍ୟସ୍ତ କରିବା ଠିକ୍ ହେଲା ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ମତରେ ଭାରତୀୟ ଦଣ୍ଡ ସଂହିତାର ଧାରା 467 ଅନୁଯାୟୀ ଏକ ଅଭିଯୋଗ ଆଣିବା ନିମିତ୍ତ ଏକ ପ୍ରଥମ ଦୃଷ୍ଟିଗତ ମାମଲା ଏଠାରେ ବିଦ୍ୟମାନ ଥିଲା , ଯାହାର ଅର୍ଥ ଯେ ଉକ୍ତ ମାମଲାଟିକୁ ଫୌଜଦାରୀ ଅଦାଲତଙ୍କ ନିକଟକୁ ପଠାଇବା ଉଚିତ୍ ହୋଇଥାନ୍ତା । ତେଣୁ ଉକ୍ତ ଦୋଷ ମୁକ୍ତିକୁ ରଦ୍ଦ କରିଦିଆଗଲା ଏବଂ ତାହାର ଏକ ପୁନର୍ବିଚାର କରିବା ପାଇଁ ଆଦେଶ ଦିଆଗଲା । ଏହି ଆବେଦନରେ, ରାୟକୁ ତ୍ରୁଟି ପୂର୍ଣ୍ଣ ବୋଲି ଆପତ୍ତି କରାଗଲା ଏବଂ ଏହାକୁ ମଧ୍ୟ ଦୋଷ ମୁକ୍ତି ହୋଇଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଆବେଦନ କୁ ବିଚାର କରିବାରେ ଏହି ନ୍ୟାୟାଳୟଙ୍କର ନୀତିଗୁଡିକର ବିରୋଧୀ ବୋଲି ଦର୍ଶାଗଲା ।

ଶ୍ରୀଯୁକ୍ତ ଗର୍ଗ ଏହି ନ୍ୟାୟାଳୟଙ୍କର ଦୁଇଟି ମାମଲା ଉପରେ ଦୃଢ଼ ଭାବେ ନିର୍ଭର କରନ୍ତି । ସେଗୁଡ଼ିକ ହେଉଛି *ଅବିନାଶ ଚନ୍ଦ୍ର ବୋଷ ବନାମ ବିମଲ କୃଷ୍ଣ ସେନ ଏବଂ ଅନ୍ୟଜଣେ* ([1]) ଏବଂ *ଊଖା କୋଲ୍ହେ ବନାମ ମହାରାଷ୍ଟ୍ର ରାଜ୍ୟ* ([2])। ସେ ଯୁକ୍ତି କରନ୍ତି ଯେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ବିଚାର, ଯେତେଦୂର ପର୍ଯ୍ୟନ୍ତ ଚାଲିଥିଲା , ତାହା ତାଙ୍କର କ୍ଷେତ୍ରାଧିକାର ମଧ୍ୟରେ ଥିଲା ଏବଂ ଏହାକୁ ଏହି କାରଣ ଯୋଗୁଁ ରଦ୍ଦ କରାଯାଇପାରିବ ନାହିଁ ଯେ ଉଚ୍ଚ ନ୍ୟାୟାଳୟ ଭାବିଲେ ଯେ ଏକ

---

([1]) A. I. R 1963 S.C 316.

([2]) A. I. R 1963 S.C 1531.

ଅଭିଯୋଗ ଭାରତୀୟ ଦଣ୍ଡ ସଂହିତା ର ଧାରା 467 ଅନୁଯାୟୀ ଏକ ଅଭିଯୋଗ ପ୍ରସ୍ତୁତ କରାଯାଇ ପରିଥାନ୍ତା I ସେ ଯୁକ୍ତି କରନ୍ତି ଯେ ଧାରା 423 (1) (a) ଅନୁଯାୟୀ ଏପରି କାର୍ଯ୍ୟାନୁଷ୍ଠାନକୁ ପରିକଳ୍ପନା କରେ ନାହିଁ I ଦୁଇଟି ମାମଲାରେ ଏହି ନ୍ୟାୟଳୟଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଫୌଜଦାରୀ କାର୍ଯ୍ୟବିଧି ପ୍ରକ୍ରିୟା ସଂହିତାକୁ ଉଲ୍ଲିଖିତ କରାଗଲା I ସେ ଆହୁରି ମଧ୍ୟ *ବ୍ରହ୍ମଦେଓ ରାୟ ବନାମ ଅନ୍ୟମାନେ ବନାମ ରାଜା-ସମ୍ରାଟ* ([1]) , *ବାଲଗୋବିନ୍ଦ ଠାକୁର୍ ଏବଂ ଅନ୍ୟମାନେ ବନାମ୍ ରାଜା-ସମ୍ରାଟ୍* ( [2] )ଏବଂ *କେ. ଇ ରାଜ୍ୟା ଭଗଓନ୍ତ* ([3] ) କୁ ଉଦାହରଣ ଭାବରେ ସୂଚିତ କରିଛନ୍ତି, ଯେଉଁଠାରେ କି ବିଚାର କ୍ଷେତ୍ରାଧିକାର ମଧ୍ୟରେ ଥିଲା , ତଥାପି କୌଣସି ପୁନର୍ବିଚାର ପାଇଁ ଆଦେଶ ଦିଆଗଲା ନାହିଁ ଯଦିଓ ଏହା ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା ଯେ ଅନ୍ୟ ଅପରାଧଗୁଡିକ ଯେଉଁଗୁଡିକ ଉପରେ ଅଭିଯୁକ୍ତଙ୍କୁ ଆରୋପିତ କରାଯାଇଛି ସେଗୁଡିକ କେବଳ ଫୌଜଦାରୀ ଅଦାଲତଙ୍କ ଦ୍ୱାରା ବିଚାର ଯୋଗ୍ୟ , ସେଗୁଡିକୁ ମଧ୍ୟ ଏଠାରେ ଦର୍ଶଗଲା I ଏହି ମାମଲାଗୁଡ଼ିକ ଆମକୁ ଅଟକାଇ ରଖି ପାରିବେ ନାହିଁ I ପୁନର୍ବିଚାର ଆଦେଶ ଦେବା ପାଇଁ ସେଗୁଡିକ ମଧ୍ୟ ଉଚ୍ଚ ନ୍ୟାୟାଳୟ ର କ୍ଷମତାକୁ ଅସ୍ୱୀକାର କରନ୍ତି ନାହିଁ Iସେହି ମାମଲାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟ ପୁନର୍ବିଚାର ପାଇଁ ଆଦେଶ ଦେଲେ ନାହିଁ କାରଣ ଅଭିଯୁକ୍ତମାନେ ଏକ କମ୍ ଗୁରୁତ୍ୱ ଥିବା ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ସେହି ମାମଲାଗୁଡ଼ିକରେ ସମସ୍ତ ପରିସ୍ଥିତିରେ ଲାଗୁ ହୋଇଥିବା ଦଣ୍ଡାଦେଶକୁ ପର୍ଯ୍ୟାପ୍ତ ବୋଲି ବିବେଚନା କରାଗଲା I

ଏହି ନ୍ୟାୟାଳୟଙ୍କର ଦୁଇଟି ମାମଲା ଆମ ଦ୍ୱାରା *ରାଜେଶ୍ୱର ପ୍ରସାଦ ମିଶ୍ରା ବନାମ ପଶ୍ଚିମବଙ୍ଗ ରାଜ୍ୟ* ([4]) ମାମଲାରେ ବିଚାରକୁ ନିଆଗଲା I ଆମେ ସେଠାରେ ଉଲ୍ଲେଖ କରିଛୁ ଯେ ବିଭିନ୍ନ କାରଣ ପାଇଁ ପୁନର୍ବିଚାର ଆଦେଶ ଦିଆଯାଇପାରେ ଯାହା ଏକ ନିର୍ଦ୍ଦିଷ୍ଟ ସୂତ୍ରରେ କହିବା କ୍ୱଚିତ୍ ଆବଶ୍ୟକ କିମ୍ବା ବାଞ୍ଛନୀୟ ଏବଂ ଏହି ନ୍ୟାୟାଳୟଙ୍କର ଅନୁଧ୍ୟାନ ଆଲୋଚନା ମୂଳକ କିନ୍ତୁ ସମ୍ପୂର୍ଣ୍ଣ ନୁହେଁ I ଏହି ସଂହିତା ଏକ ବ୍ୟାପକ ବିବେକାଧିକାର ପ୍ରଦାନ କରେ ଏବଂ ଇଚ୍ଛାକୃତ ଭାବରେ ଉକ୍ତ ବିବେକାଧିକାର ପ୍ରୟୋଗ ପାଇଁ ପରିସ୍ଥିତି ନିର୍ଦ୍ଦିଷ୍ଟ କରେ ନାହିଁ କାରଣ ଅଦାଲତଗୁଡିକ ନିକଟକୁ ଆସୁଥିବା ମାମଲାଗୁଡ଼ିକର ତଥ୍ୟ ଅତ୍ୟନ୍ତ ଭିନ୍ନ ପ୍ରକାରର I ଆମେ ଦର୍ଶାଇଛୁ ଯେ ଏହି ନ୍ୟାୟାଳୟଙ୍କର ଅନୁଧ୍ୟାନ ଗୁଡ଼ିକୁ (ସଂହିତାର ଅର୍ଥକୁ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ) ପଢ଼ିବା ଠିକ୍ ହେବ

---

( [1] ) A.I.R 1926 Pat 36 .
( [2] ) A.I.R 1926 Pat 393.
( [3] ) 4 Bom L.R 267
( [4] ) [ 1966] 1 S.C.R. 178 .

ନାହିଁ, ଯାହା ଏକ ବିବେକାଧିକାରର  କଠୋର ସୀମାକୁ ଆଗୁଆ ସୂଚିତ କରେ, ଯାହା ସମ୍ବନ୍ଧରେ ସଂହିତା ସ୍ପଷ୍ଟ ଭାବେ ଉଦ୍ଦେଶ୍ୟ ରଖିଥିଲା, ତାହା ଉପୁଜିଥିବା ସମସ୍ୟାର ଉତ୍ତର ଦେବା ନିମିତ୍ତ ବିକଶିତ ହେବା ଉଚିତ । ଆମେ ଆମର ନିଜସ୍ୱ କିଛି ଦୃଷ୍ଟାନ୍ତ ଦେଇଛୁ ଯେଉଁଗୁଡିକ ସେହି ଅନୁଧ୍ୟାନଗୁଡିକର ପରିସର ବାହାରେ ଥିଲା କିନ୍ତୁ ସେଗୁଡିକ ଉପଯୁକ୍ତ କ୍ଷେତ୍ରରେ, ପୁନର୍ବିଚାର ଆଦେଶ ପାଇଁ ଆଧାର ପ୍ରଦାନ କରିପାରେ । ଏହି ମାମଲା ଏକ ଉଦାହରଣ ମଧ୍ୟ ପ୍ରଦାନ କରେ ଯାହା ସେହି ତାଲିକାରେ ଯୋଡାଯାଇପାରେ | ଉଚ୍ଚ ନ୍ୟାୟାଳୟ  ଦର୍ଶାଇଥିଲେ ଯେ ରସିଦ ଉପରେ ଅନୁମୋଦନ ଜନାର୍ଦ୍ଦନଙ୍କ ଦ୍ୱାରା କରାଯାଇନଥିବା ପ୍ରମାଣ ରହିଛି । ଜନାର୍ଦ୍ଦନ ଶପଥରେ ଅସ୍ୱୀକାର କରିଥିଲେ ଯେ ସେ ସେଗୁଡ଼ିକୁ ଲେଖିଛନ୍ତି ଏବଂ କହିଥିଲେ ଯେ ସେଗୁଡ଼ିକ ଉତ୍ତରଦାତାମାନଙ୍କ ମଧ୍ୟରୁ ଜଣକ  ଦ୍ୱାରା ଲେଖାଯାଇଥିଲା, ଯାହାଙ୍କ ହସ୍ତାକ୍ଷର ସହିତ ସେ (ଜନାର୍ଦ୍ଦନ) ପରିଚିତ ବୋଲି ଦାବି କରିଥିଲେ । ପଞ୍ଜୀକରଣ ପାଇଁ ଉପସ୍ଥାପିତ ହୋଇଥିବା ଦୁଇଟି ଦଲିଲ, ଜାଲ୍ ରସିଦ ଆଧାରରେ ବାହାର କରାଯାଇଥିଲା ବୋଲି ଦର୍ଶାଇବା ପାଇଁ ପ୍ରଥମ ଦୃଷ୍ଟିଗତ ପ୍ରମାଣ ଥିଲା ।ଜେରା ସମୟରେ ଜନାର୍ଦ୍ଦନଙ୍କୁ କୌଣସି ପ୍ରସ୍ତାବ ଦିଆଯାଇ ନଥିଲା ଯେ ସେ ମଟୁକଧାରୀ କିମ୍ବା ଧନୁକଧାରୀଙ୍କ ସପକ୍ଷରେ ରସିଦକୁ ଅନୁମୋଦନ  କରିଛନ୍ତି । ଯଦି ସେ ଉକ୍ତ ଅନୁମୋଦନଗୁଡିକୁ ଲେଖି ନାହାନ୍ତି, ତେବେ ସେଗୁଡିକୁ ଅନ୍ୟ କେହି ନିଶ୍ଚିତ ଭାବରେ ଲେଖିଥିବେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ହସ୍ତାକ୍ଷର ବିଶେଷଜ୍ଞମାନଙ୍କୁ ପରୀକ୍ଷା କରାଯାଇ ପାରିଥାନ୍ତା । ଦଣ୍ଡାଧିକାରୀ ଭାରତୀୟ ପ୍ରମାଣ ଅଧିନିୟମ 73 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିଥାନ୍ତେ କିନ୍ତୁ ଏହା କରାଯାଇ ନଥିଲା । ଯଦି ଦଣ୍ଡାଧିକାରୀ ଏହି ସମସ୍ୟାକୁ ନେଇ ତାଙ୍କ ବୁଦ୍ଧି ପ୍ରୟୋଗ କରିଥାନ୍ତେ, ତେବେ ସେ ସହଜରେ ଦେଖିଥାନ୍ତେ ଯେ ଜାଲିଆତି ଦ୍ୱାରା ଏକ ପ୍ରଥମ ଦୃଷ୍ଟିଗତ ମାମଲା ଆଗକୁ ଆସିଛି । ତା'ପରେ ସେ ବିଚାର କରିବା ଉଚିତ ଥିଲା ଯେ ରସିଦଗୁଡ଼ିକ ମୂଲ୍ୟବାନ ଅମାନତ ଥିଲା କି ନାହିଁ ? ଯଦି ସେ ଏପରି କରିଥାନ୍ତେ, ତେବେ ସେ ଦେଖିଥାନ୍ତେ ଯେ ଭାରତୀୟ ଦଣ୍ଡ ସଂହିତା ର ଧାରା 467 ସହ  471ର  ପଠନ  ଅନୁଯାୟୀ  ମୁଖ୍ୟ ଅପରାଧ ଏକ ପ୍ରଥମ ଦୃଷ୍ଟିଗତ ହୋଇଥାନ୍ତା ଏବଂ ଅନ୍ୟ ଅପରାଧଗୁଡ଼ିକ ଆନୁଷଙ୍ଗିକ ହୋଇଥାନ୍ତା । ତେଣୁ ଏଠାରେ ତାଙ୍କର ବିଚାର କ୍ଷେତ୍ରାଧିକାର  ଥିବା ଅପରାଧକୁ ଚୟନ କରିବା ଏବଂ ଅନ୍ୟ ଅପରାଧକୁ ଅଣଦେଖା କରିବା ତାଙ୍କ ପକ୍ଷରେ ଉଚିତ ନଥିଲା । ତାଙ୍କ କର୍ତ୍ତବ୍ୟ ସ୍ପଷ୍ଟ ଭାବରେ ଧାରା 467 ଅନୁଯାୟୀ ଅଭିଯୋଗ ପ୍ରସ୍ତୁତ କରିବା ଏବଂ ଆବେଦନକାରୀମାନଙ୍କୁ ଫୌଜଦାରୀ ଅଦାଲତରେ ବିଚାର ପାଇଁ ପଠାଇବାର ଥିଲା ।

ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ସଂହିତାର ଧାରା 417 (3) ଏକ ଆବେଦନର ଶୁଣାଣି କରିବା ସମୟରେ, ପ୍ରଥମ ଦୃଷ୍ଟିଗତ ପ୍ରମାଣ ଦ୍ଵାରା ପ୍ରତିଷ୍ଠିତ ହୋଇଥିବା ଆରୋପ ଉପରେ ଦଣ୍ଡାଦେଶ କରିବା ନିମିତ୍ତ ଅଭିଯୋଗ ଆଣିବା ପାଇଁ ଦଣ୍ଡାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଦ୍ଵାର ଉନ୍ମୁକ୍ତ ଥିଲା ଏବଂ ଅଭିଯୁକ୍ତଙ୍କୁ ଫୌଜଦାରୀ ଅଦାଲତରେ ବିଚାର ପାଇଁ ପଠାଇବାର ଆଦେଶ ଦେବାକୁ ମଧ୍ୟ ଦ୍ଵାର ଉନ୍ମୁକ୍ତ ଥିଲା । ଏହା ଯୁକ୍ତି କରିବା ଭୁଲ ଯେ ଏହି ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କର କୌଣସି କ୍ଷେତ୍ରାଧିକାର ନଥିଲା କାରଣ ସମ୍ମାନନୀୟ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ବିଚାର (ଯେତେଦୂର ପର୍ଯ୍ୟନ୍ତ ଏହା ଚାଲିଥିଲା) କ୍ଷେତ୍ରାଧିକାର ମଧ୍ୟରେ ଥିଲା । ଯଦି ଏପରି ହୋଇଥାଆନ୍ତା, ତେବେ ଯେତେବେଳେ ଜଣେ ଦଣ୍ଡାଧିକାରୀ ତାଙ୍କ କ୍ଷେତ୍ରାଧିକାର ବାହାରେ ଥିବା ଅଭିଯୋଗଗୁଡିକୁ ବିଚାର ନକରି ଏବଂ କେବଳ ତାଙ୍କ କ୍ଷେତ୍ରାଧିକାର ମଧ୍ୟରେ ଥିବା ଅଭିଯୋଗ ଗୁଡିକୁ ବିଚାର କରିଥାନ୍ତେ, ସେତେବେଳେ କୌଣସି ପ୍ରତିକାର ସମ୍ଭବ ହୋଇନଥାଆନ୍ତା । ଉଚ୍ଚ ନ୍ୟାୟାଳୟ ଡକ୍ଟର ସନମୁଖ୍ ସିଂହ ତେଜା ସିଂହ ଯୋଗୀ ବନାମ ସମ୍ରାଟ ( [1] ) ମାମଲାରେ ସିନ୍ଧ ମୁଖ୍ୟ ଅଦାଲତଙ୍କର ଏକ ମାମଲାର ଅନୁସରଣ କରିଥିଲେ, ଯେଉଁଥିରେ ଅନୁରୂପ ପରିସ୍ଥିତିରେ ପୁନର୍ବିଚାର ଆଦେଶ ଦିଆଯାଇଥିଲା । ଆମକୁ ସେହି ରାୟ ବିଷୟରେ ଅବଗତ କରାଯାଇଥିଲା ଏବଂ ଏହାକୁ ପଢ଼ିବା ପରେ ଆମେ ଭାବୁନାହୁଁ ଯେ ଉଚ୍ଚ ନ୍ୟାୟାଳୟ ଏହାକୁ ଏକ ସଠିକ୍ ପୂର୍ବ ଦୃଷ୍ଟାନ୍ତ ଭାବେ ଗ୍ରହଣ କରିବାରେ ଭୁଲ୍ କରିଥିଲେ । ଉଚ୍ଚ ନ୍ୟାୟାଳୟ ଦୋଷ ମୁକ୍ତି ଆଦେଶକୁ ରଦ୍ଦ କରିବା ଏବଂ ପୁନର୍ବିଚାର ଆଦେଶ ଦେବା ପାଇଁ ଯେତେ ଦ୍ଵିଧା ରେ ରହିଲେ ମଧ୍ୟ , ସଂହିତା ଅନୁଯାୟୀ ଯଦି ମାମଲାର ଯଥାର୍ଥତା ଏପରି କରିବା ନିମିତ୍ତ ଆବଶ୍ୟକ କରେ , ତେବେ ଏହାର ଏପରି କରିବା ପାଇଁ କ୍ଷେତ୍ରାଧିକାର ଅଛି ଏବଂ ପ୍ରଥମ ଦୃଷ୍ଟିଗତ ପ୍ରମାଣରେ ନଜରକୁ ଆସିଥିବା ଗୁରୁତ୍ଵ ଆରୋପ ଅଭିଯୋଗରୁ ଏକ ମାମଲାକୁ ବାଦ୍ ଦେବା ହେଉଛି ସେହି ପରିସ୍ଥିତି ମଧ୍ୟରୁ ଗୋଟିଏ ଯେଉଁଥିରେ କ୍ଷମତାକୁ ଉଚିତ୍ ରୂପେ ପ୍ରୟୋଗ କରାଯାଇପାରିଥାନ୍ତା ଯେତେବେଳେ କି ଏହା ଆଣିଥିବା ଆରୋପର ଅଭିଯୋଗ, ବିଚାର ଅଦାଲତତା କ୍ଷେତ୍ରାଧିକାର ବାହାରେ ହୋଇଥାନ୍ତା ।

ଶ୍ରୀଯୁକ୍ତ ଗର୍ଗ ଶେଷରେ ଦାଖଲ କରିଥିଲେ ଯେ ଅନ୍ୟ କ୍ଷେତ୍ରାଧିକାରଗୁଡିକରେ ଦୋଷମୁକ୍ତିକୁ ରଦ୍ଦ କରାଯାଏ ନାହିଁ ଏବଂ ସେ ଏଠାରେ ଇଂରାଜୀ ଅପରାଧିକ ଆଇନର ଉଦାହରଣ ଦେଇଥିଲେ। ସେ ଆହୁରି ମଧ୍ୟ ଦାଖଲ କରିଥିଲେ ଯେ ଦ୍ଵିତୀୟ ବିଚାର କରିବା ଉଦ୍ଦେଶ୍ୟରେ ଦୋଷ

( [1] ) A.I.R 1945 Sind 125.

ମୁକ୍ତିକୁ ରଦ୍ଦ କରିବା ହେଉଛି ଅଭିଯୁକ୍ତଙ୍କ ଠାରୁ ଦୋଷ ମୁକ୍ତିର ପରିଣାମ ସ୍ୱରୂପ ନିର୍ଦ୍ଦୋଷର ଅନୁମାନକୁ ଛଡାଇ ନେବା । ପ୍ରଥମ ଦାଖଲ ବିଷୟରେ ଏହା କହିବା ଯଥେଷ୍ଟ ଯେ ଆମର ଅପରାଧିକ କ୍ଷେତ୍ରାଧିକାର ମଧ୍ୟରେ ପୁନର୍ବିଚାର ସମ୍ଭବ ଏବଂ ଆମକୁ ଅନ୍ୟ କ୍ଷେତ୍ରାଧିକାରଗୁଡିକ ଦ୍ୱାରା ପରିଚାଳିତ ହେବାର ଆବଶ୍ୟକତା ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉଚ୍ଚ ନ୍ୟାୟାଳୟ ଅତ୍ୟନ୍ତ ଯତ୍ନ ଏବଂ ସତର୍କତାର ସହ କାର୍ଯ୍ୟ କରିବା ଉଚିତ୍ ଏବଂ କେବଳ ହସ୍ତକ୍ଷେପ ଆବଶ୍ୟକ କରୁଥିବା ମାମଲାରେ କ୍ଷମତାର କ୍ୱଚିତ୍ ବ୍ୟବହାର କରିବା ଉଚିତ । ଦ୍ୱିତୀୟଟି ବିଷୟରେ ବିଚାର କରିବାର ଆବଶ୍ୟକତା ନାହିଁ ଯେ ନିର୍ଦ୍ଦୋଷର ଅନୁମାନ ଏକ ଦୋଷମୁକ୍ତି ଦ୍ୱାରା କିପରି ଏବଂ କେତେ ପରିମାଣରେ ସୁଦୃଢ଼ ହୁଏ । କୌଣସି ଘଟଣାରେ ଏହି ବାକ୍ୟାଂଶଟି ଏକ ମାମଲା ଯେଉଁଥିରେ ଅଭିଯୁକ୍ତଙ୍କୁ ଜାଣିଶୁଣି କିମ୍ବା କ୍ଷେତ୍ରାଧିକାର ପରିସରେ ବାହାରେ ଦୋଷମୁକ୍ତି କରାଯାଏ, ତାହାକୁ ବର୍ଣ୍ଣନା କରିବା ପାଇଁ ଉପଯୁକ୍ତ ନୁହେଁ । କେବଳ ଏତିକି କୁହାଯାଇପାରିବ ଯେ ଏହି ଆବେଦନକାରୀମାନେ ସେମାନଙ୍କର ପ୍ରଥମ ବିଚାରରେ ନିର୍ଦ୍ଦୋଷ ବୋଲି ଅନୁମାନ କରାଯାଇଥିଲା ଏବଂ ସେମାନଙ୍କର ଦ୍ୱିତୀୟ ବିଚାରରେ ସେମାନଙ୍କର ଦୋଷ ଆଇନଗତ ଭାବରେ ଏବଂ ସମସ୍ତ ଯଥୋଚିତ ସନ୍ଦେହ ବାହାରେ ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ କମ୍ ବୋଲି ବିବେଚନା କରାଯିବ ନାହିଁ ।

ଆମ ରାୟରେ ଉଚ୍ଚ ନ୍ୟାୟାଳୟ , ଆବେଦନକାରୀମାନଙ୍କ ଦୋଷ ମୁକ୍ତିକୁ ରଦ୍ଦ କରି ଏବଂ ରଦ୍ଦ କରିଥିବା ସର୍ତ୍ତ ଅନୁଯାୟୀ, ସେମାନଙ୍କର ପୁନର୍ବିଚାର ନିମନ୍ତେ ଏକ ଆଦେଶ କରି, ଏହାର କ୍ଷେତ୍ରାଧିକାର ମଧ୍ୟରେ କାର୍ଯ୍ୟ କରିଥିଲେ ।

ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।